# Akashvani, Sambalpur

## SAMBALPURI NEWS EVENING BULLETIN

## 25 April 2026-7.02- 7.12 pm.

---

୧- ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଆଏବା କାଏଲ୍ ଦେଶ୍‌ବାସୀଙ୍କର୍ ସଙ୍ଗେ ଭାବ୍ ବିନିମୟ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

୨- ପ୍ରାଣୀ ଚିକିତ୍ସକ ମାନ୍‌କର୍ ଅବଦାନ୍‌କେ ସୁର୍‌ତା କରିକରି ଆଏଜ୍ ପାଳନ୍ କରାଯାଉଛେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ୍ ।

- ଭୁବ୍‌ନେଶ୍ୱର୍ ଠାନେ ଖାସ୍ କାର୍ଯ୍ୟକ୍ରମ୍‌ଥି ୨ ଶହ ୧୯ ଟା ପ୍ରକଳ୍ପ ଲାଗି ବୁଝାମଣା ପତ୍ର ସ୍ୱାକ୍ଷର୍ କଲେ ମୁଖ୍ୟମନ୍ତ୍ରୀ ।

୩- ଦେବ୍‌ଗଡ଼୍ ଜିଲ୍ଲା ନ ଭିନ୍ ଭିନ୍ ବିକାଶ୍‌ମୂଳକ୍ ପ୍ରକଳ୍ପର୍ ଲୋକାର୍ପଣ୍ ଆଉ ଶିଳାନ୍ୟାସ୍ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

ଆଉର୍

୪- ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଆଏଜ୍‌ଠାନୁ ମୁଲ୍ ହେଉଛେ । ଜାତୀୟ ଆର୍ଟିଷ୍ଟିକ୍ ଜିମ୍‌ନାଷ୍ଟିକ୍ ପ୍ରତିଯୋଗିତା ।

ମନ୍ କି ବାତ୍          ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୩୩ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍ ଆଉ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ମୁଖ୍ୟମନ୍ତ୍ରୀ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ୍     ଆଇ.ଆଣ୍ଡ୍.ପି.ଆର୍

ସାରା ଦେଶେ ଆଏଜ୍ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ୍ ପାଲନ୍ କରାଯାଉଛେ । ଫି' ବଛର୍ ଏପ୍ରିଲ୍ ମାସର୍ ଶେଷ୍ ଶନିବାର୍ ଦିନ ପ୍ରାଣୀ ଚିକିତ୍ସକ ମାନ୍‌କର୍ ନିଷ୍ଠା, ସେବା ଭାବ୍, ଆଉ ସମାଜ୍ ଲାଗି ତାଙ୍କର୍ ଅବଦାନ୍‌କେ ସୁର୍‌ତା କର୍‌ବାର୍‌କେ ଇ ଦିବସ୍ ପାଲନ୍ କରାଯାଏସି । ପ୍ରାଣୀମାନେ ପରିବେଶ୍ ସନ୍ତୁଳନ୍ ଆଉ ମୁନୁଷ୍ ମାନ୍‌କର୍ ସ୍ୱାସ୍ଥ୍ୟର୍ ଗୁଟେ ଜରୁରୀ ଅଂଶ ଆନ୍ । ପ୍ରାଣୀମାନ୍‌କର୍ ଚିକିତ୍ସା, ଜୁନୋଟିକ୍ ରୋଗ୍ ନିୟନ୍ତ୍ରଣ୍, ଖାଦ୍ୟ ସୁରକ୍ଷା ଆଉ ସାର୍ବଜନୀନ ସ୍ୱାସ୍ଥ୍ୟ ସୁରକ୍ଷା ଲାଗି ପ୍ରାଣୀ ଚିକିତ୍ସକ୍‌ମାନେ କାମ୍ କର୍‌ସନ୍ । ଇ ବଛର୍ ଇ ଦିବସ୍‌ର ବାର୍ତା ହେଉଛେ 'ପ୍ରାଣୀ ଚିକିତ୍ସକ୍ ଖାଦ୍ୟ ଆଉ ସ୍ୱାସ୍ଥ୍ୟର୍ ରକ୍ଷକ୍' ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସବୁ ପ୍ରାଣୀ ଚିକିତ୍ସକ୍ ଆଉ ବୃତ୍ତିଧାରୀମାନ୍‌କୁ କୃତଜ୍ଞତା ଜନେଇକରି କହିଛନ୍, ପଶୁପାଲକ୍ ମାନ୍‌କର୍ ନିରନ୍ତର୍ ଚେରେଷ୍ଟା ଲାଗି ସୁସ୍ଥ ଆଉ ସୁରକ୍ଷିତ୍ ସମାଜ୍ ଗଠନ୍ ସହେତେ ଗ୍ରାମୀଣ୍ ଜନଜୀବନ୍ ବର୍‌କସ୍ ହେଇଥିସି । ଇ ଦିବସ୍ ଅବ୍‌ସରେ ଆଏଜ୍ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ହେବାର୍‌କେ ଥିବା ଖାସ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଛନ୍ । ଇ ଅବ୍‌ସରେ ସେ ୭୬ ଟା ନୂଆଁ ପ୍ରାଣୀ ଚିକିତ୍ସାଳୟ ଆଉ ୧୨

ଟା ମତ୍ସ୍ୟ ସମ୍ପଦ୍ ଭିତିଭୂମି ପ୍ରକଳ୍ପର୍ ଶୁଭାରମ୍ଭ କରିଛନ୍ । ଇତାର୍‌ସହେତେ ୨ ଶହ ୧୯ ଟା ନୂଆଁ ପ୍ରାଣୀସମ୍ପଦ୍ ଭିତିଭୂମି ପ୍ରକଳ୍ପ ଲାଗି ଭିଲ୍ ଇ ଅବ୍‌ସରେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ ।

ବିଶ୍ୱ ମେଲେରିଆ ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

'ମେଲେରିଆକେ ପୁରାପୁରି ହଟାବାର୍ ଲାଗି ଆମେ ପ୍ରତିବଦ୍ଧ- ଆମେ କରିପାର୍‌ମା, ଇହାଦେ ଆମ୍‌କେ ହିଁ କର୍‌ବାର୍‌କେ ହେବା' ବାର୍ତା ନେଇକରି ଆଏଜ୍ ପାଲନ୍ ହେଉଛେ ବିଶ୍ୱ ମେଲେରିଆ ଦିବସ୍ । ୨୦୦୮ ମସିହାନୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ତର୍‌ଫୁ ଆଝିର୍ ଦିନ୍‌କେ ବିଶ୍ୱ ମେଲେରିଆ ଦିବସ୍ ଭାବେ ପାଲନ୍ କରାଯାଉଛେ । ୨୦୩୦ ମସିହାତକ୍ ଦେଶ୍‌କେ ପୁରା ମେଲେରିଆ ମୁକ୍ତ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ଦୁର୍ଗମ୍ ଇଲାକା ନ ମେଲେରିଆ ନିରାକରଣ୍-ଦମନ୍ କାର୍ଯ୍ୟକ୍ରମ୍ ଜାରି ରଖିଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମେଲେରିଆ ରୋଗ୍‌କେ ଶେଷ୍ କର୍‌ବାର୍ ଲାଗି ଆଝିର୍ ଦିନେ ସର୍‌କାର୍ ପ୍ରତିବଦ୍ଧ ବଲି

କହିଛନ୍ । ସାମାଜିକ୍ ଗଣମାଧମ୍ ଜରିଏ ଶ୍ରୀ ମାଝୀ କହିଛନ୍, ସଚେତନତା ନିବାରଣ୍ ଆଉ ସାମୂହିକ୍ ଚେରେଷ୍ଟା ଜରିଏ ଆମେ ଗୁଟେ ସୁସ୍ଥ ଆଉ ମେଲେରିଆ ମୁକ୍ତ ରାଜ୍ୟ ଗଠନ୍ କରିପାର୍‌ମା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ବିଶ୍ୱ ମେଲେରିଆ ଦିବସ୍ ବାବ୍‌ଦେ ବୁର୍ଲା ଭୀମ୍‌ସାର୍‌ର ସହକାରୀ ପ୍ରଫେସର୍ ଆଉ ମହାମାରୀ ରୋଗ ବିଶେଷଜ୍ଞ ଡାକ୍ତର୍ ସଞ୍ଜିବ ମିଶ୍ର କହିଛନ୍,

(ଭଏସ୍ ଓଭର୍- ଡାକ୍ତର୍ ସଞ୍ଜିବ ମିଶ୍ର )

ମୁଖ୍ୟମନ୍ତ୍ରୀ-ବଲାଙ୍ଗିର୍ ହି.ସ.

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ସଖାଲ୍‌ବେଲା ବଲାଙ୍ଗିର୍ ସାର୍କିଟ୍ ହାଉସ୍ ଠାନେ ସାଧାରଣ୍ ଲୁକ୍‌କୁ ଭେଟିକରି ସେମାନ୍‌କର୍ ସାଙ୍ଗେ ଆଲୋଚନା କର୍‌ବାର୍ ସହେତେ ସେମାନ୍‌କର୍‌ନୁ ଅଭିଯୋଗ୍ ପତ୍ର ଗ୍ରହଣ୍ କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍, ସବୁ ଅଭିଯୋଗ୍‌ର ଉଚିତ୍ ଅନୁଧ୍ୟାନ୍ କରିକରି ସେସବୁର୍ ତୁର୍‌ତି ସମାଧାନ୍ କର୍‌ବାର୍ ଲାଗି ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ପ୍ରଶାସନ୍‌କେ ଅଏତ୍‌କା ସ୍ୱଚ୍ଛ, ଉତର୍‌ଦାୟୀ ଆଉ ଲୋକାଭିମୁଖୀ କର୍‌ବାର୍ ସହେତେ ଶେଷ୍ ଧାଡ଼ି ନ ଥିବା ଲୁକ୍‌କର୍ ପାଖେ ସର୍‌କାରୀ ସେବା ପୁହୁଁଚାବାର୍‌ଟା ସର୍‌କାର୍‌ଙ୍କର୍ ମୁଖିଆ ଲକ୍ଷ୍ୟ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ବିଧାନ୍‌ସଭାର୍ ଖାସ୍ ଅଧିବେଶନ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ବିଧାନ୍‌ସଭାର୍ ଖାସ୍ ଅଧିବେଶନ୍ ଆଏବା ୩୦ ତାରିଖ୍ ଦିନ ହେବା । ଗୁଟେ ଦିନ୍ ଲାଗି ବସ୍‌ବାର୍‌କେ ଥିବା ଅଧିବେଶନ୍ ସଖାଲର୍ ୧୧ ବଜେ ମୁଲ୍ ହେବା । ଅଧିବେଶନ୍‌ଥି ଦେଶର୍ ଗଣତନ୍ତ୍ରଥି ମହିଲାମାନ୍‌କର୍ ଯୋଗ୍‌ଦାନ୍ ଉପ୍‌ରେ ଆଲୋଚନା ହେବା । ଇଥିର୍‌ଲାଗି ବିଧାନ୍‌ସଭା ସଚିବାଳୟ ତର୍‌ଫୁ ବିଜ୍ଞପ୍ତି ଜାରି କରାଯାଇଛେ ।

ସଂସଦ୍ ନ ଇ ମାସର୍ ୧୬ ତାରିଖ୍ ସୀମା ପୁନଃନିର୍ଦ୍ଧାରଣ୍ ଆଉ ନାରୀଶକ୍ତି ବନ୍ଦନ୍ ଅଧିନିୟମ୍ ଉପ୍‌ରେ ଖାସ୍ ଅଧିବେଶନ୍ ବସିଥିଲା । ଲୋକ୍‌ସଭା ଆଉ ରାଜ୍ୟ ବିଧାନ୍‌ସଭା ମାନ୍‌କେ

ମହିଳାମାନ୍‌କର୍ ଲାଗି ୩୩ ପ୍ରତିଶତ୍ ଆସନ୍ ସଂରକ୍ଷଣ୍ କର୍‌ବାର୍‌କେ ଅଧିନିୟମ୍‌ଥି ଲକ୍ଷ୍ୟ ରଖାଯାଇଛେ ।

ଆମ୍‌ଚାଷ୍- କର୍ମଶାଳା ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍‌ର ଏସ୍.ଆଇ.ଆର୍.ଡି. କେମ୍ପସ୍‌ନୁ ଓଡ଼ିଶା ଗ୍ରାମୀଣ୍ ବିକାଶ୍ ଆଉ ମାର୍କେଟିଂ ସୋସାଇଟି ଓର୍‌ମାସ୍ ତର୍‌ଫୁ ଆମ୍‌ଚାଷ୍ ବାବଦ୍ ଗୁଟେ ଖାସ୍ ଦକ୍ଷତା ବିକାଶ୍ କର୍ମଶାଳା ହେଇଯାଇଛେ । ରାଜ୍ୟର୍ ୧୫ ଟା ମୁଖିଆ ଆମ୍ ଉତ୍ପାଦନ୍‌କାରୀ ଜିଲ୍ଲାନୁ ଚାଷୀ ଆଉ କୃଷି ଅଧିକାରୀମାନେ ଇଥି ଭାଗ୍ ନେଇଥିଲେ । କର୍ମଶାଳାଥି ସୁରକ୍ଷିତ୍ ଭାବେ ଆମ୍‌ଚାଷ୍, ବୈଜ୍ଞାନିକ୍ ପଦ୍ଧତିଥି ଅମଲ୍ ଉତ୍‌ରର୍ ପରିଚାଳନା, ଗ୍ରେଡିଂ ପେକେଜିଂ, କୋଲ୍ଡ ଚେନ୍ ବ୍ୟବସ୍ଥା ଆଉ ବଜାର୍ ସଂଯୋଗୀକରଣ୍ ବାବ୍‌ଦେ ପ୍ରଶିକ୍ଷଣ୍ ଦିଆଯାଇଥିଲା । ଓଡ଼ିଶାର୍ ଆମ୍‌କେ ବିଦେଶୀ ବଜାର୍‌କେ ପଠେଇକରି ଚାଷୀମାନେ କେନ୍ତା ଅଏତ୍‌କା ଲାଭ୍

ପାଇପାର୍‌ବେ ସେ ବାବ୍‌ଦେ ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ ।

ଧର୍ମେନ୍ଦ୍ର ପ୍ରଧାନ୍- ଦେବ୍‌ଗଡ଼୍‌         ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍ ସାଧାରଣ୍ ଲୁକ୍‌କର୍‌ନୁ ସହେତେ ମିଲିଥିବା ପରାମର୍ଶକେ ଆଧାର୍ କରିକରି ବିକାଶ୍ ପ୍ରକ୍ରିୟାକେ ତ୍ବରିତ କରୁଛନ୍ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ଦେବ୍‌ଗଡ଼୍ ଜିଲ୍ଲା ନ ପାଖାପାଖି ୨ ଶହ ୮୦ କୋଟି ଟଙ୍କାର୍ ଶହେ ୨୪ ଟା ପ୍ରକଳ୍ପର୍ ଲୋକାର୍ପଣ୍ ଆଉ ଶିଲାନ୍ୟାସ୍ କରିକରି ଶ୍ରୀ ପ୍ରଧାନ୍ କହିଛନ୍, ଜିଲ୍ଲାକେ ବିକଶିତ୍ କର୍‌ବାର୍‌କେ ହେଲେ ସେ ଅଂଚଲ୍‌ର ପର୍ଯ୍ୟଟନ୍‌ର ବିକାଶ୍ ସ୍ୱଚ୍ଛତା, ଚାଷ୍ କ୍ଷେତ୍ରଥି ଅଭିବୃଦ୍ଧି ବାଗିର୍ ସବୁ କ୍ଷେତ୍ରକେ ଜୋର୍ ଦେବାର୍‌କେ ପଡ଼୍‌ବା । ଜିଲ୍ଲାବାସୀଙ୍କୁ ସ୍ୱାଭିମାନ୍ ସହେତେ ବଂଚ୍‌ବାର୍ ଲାଗି ରୋଜ୍‌ଗାର୍ ବଢ଼ାବାର୍ ସହେତେ ଅର୍ଥନୈତିକ୍ ବିକାଶ୍‌କେ ଅଗ୍ରାଧିକାର୍ ଦେବାର୍‌କେ ହେବା । ଘି' ଘର୍‌କେ ପାଇପ୍‌ଥି ଗେସ୍ ସେବାର୍ ଶୁଭାରମ୍ଭ, ବୁନ୍ଦା ଜଲ୍‌ସେଚନ୍‌ର ବ୍ୟବସ୍ଥା ଆଏବା ଦିନେ ଦେବ୍‌ଗଡ଼୍

ଜିଲ୍ଲାକେ ବିକାଶ୍‌ର ରାହାଥି ନେବା ବଲି ଶ୍ରୀ ପ୍ରଧାନ୍ ଆଶ୍ କରିଛନ୍ ।

(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

କାର୍ଯ୍ୟକ୍ରମ୍‌ଥି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍, ଦେବ୍‌ଗଡ଼୍ ବିଧାୟକ୍ ରୋମାଂଚ ରଞ୍ଜନ୍ ବିଶ୍ୱାଲ୍ ପ୍ରମୁଖ ଉପସ୍ଥିତ୍ ଥିଲେ ।

ରାଜସ୍ୱ ମନ୍ତ୍ରୀ-ସମୀକ୍ଷା ହି.ସ.

ଝାର୍‌ସୁଗୁଡ଼ା ବ୍ଲକ୍ ନ ଚାଲୁଥିବା ଭିନ୍ ଭିନ୍ ଉନ୍ନୟନ୍‌ମୂଲକ୍ ପ୍ରକଳ୍ପ ମାନ୍‌କୁ ଆଏଜ୍ ରାଜସ୍ୱ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ ପୂଜାରୀ ସମୀକ୍ଷା କରିଛନ୍ । କାମ୍ ଚାଲୁଥିବା ସବୁ ପ୍ରକଳ୍ପମାନ୍‌କୁ ଆଏବା ମାସ ୩୧ ତାରିଖ୍ ତକ୍ ଶେଷ୍ କର୍‌ବାର୍‌କେ ବ୍ଲକ୍ ଉନ୍ନୟନ୍ ଅଧିକାରୀ ମାନ୍‌କୁ ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ୍ ଦେଇଛନ୍ । ସବୁ ପ୍ରକଳ୍ପର୍ ଗୁଣବତାକେ ସୁନିଶ୍ଚିତ୍ କର୍‌ବାର୍ ସହେତେ ସେସବୁର୍ ମାନଦଣ୍ଡକେ ଯାଂଚ୍ କର୍‌ବାର୍ ଆଉ ଧାରିଜ୍ ସମିଆ ଭିତ୍‌ରେ ସେସବୁ ଶେଷ୍

କର୍‌ବାର୍ ଉପ୍‌ରେ ମନ୍ତ୍ରୀ ଜୋର୍ ଦେଇଛନ୍ । ଜିଲ୍ଲା ନ ମୋଟ୍ ଶହେ ୩୧ ଟା ଉନ୍ନୟନ୍‌ମୂଲକ୍ ପ୍ରକଳ୍ପ ଭିତ୍‌ରୁ ୮୮ ଟା ପ୍ରକଳ୍ପର୍ କାମ୍ ଶେଷ୍ ହେବାର୍ ସହେତେ ୧୮ ଟା ପ୍ରକଳ୍ପ କାମ୍ ଚାଲୁଛେ ବଲି ଜନାପଡ଼ିଛେ ।

ବୈଶାଖ୍ ମେଲା            ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ୍ ଜିଲ୍ଲା ପାଇକ୍‌ମାଲ୍ ପ୍ରଭୁ ନୃସିଂହନାଥଙ୍କର୍ ଜନ୍ମୋତ୍ସବ ଆଉ ବୈଶାଖ୍ ମେଲା ୨୦୨୬ ଅବ୍‌ସରେ ମନ୍ଦିର୍ ପରିସର୍ ନ ରଙ୍ଗୋଲି ପ୍ରତିଯୋଗିତା ଆଉ ଚିତ୍ରକଳା ଶିବିର୍ ହେଇଯାଇଛେ । ଆଏବା କାଏଲ୍‌ଠାନୁ ମେ ୧ ତାରିଖ୍‌ତକ୍ ହେବାର୍‌କେ ଥିବା ଇ ମେଲା ଲାଗି ଆୟୋଜିତ ହେଇଥିବା ଇ କାର୍ଯ୍ୟକ୍ରମ୍‌ଥି ଓଡ଼ିଶାର୍ ଭିନ୍ ଭିନ୍ ଜାଗାନୁ ପ୍ରତିଯୋଗୀମାନେ ଭାଗ୍ ନେଇଥିଲେ ।

ଆର୍ଟିଷ୍ଟିକ୍ ଜିମ୍‌ନାଷ୍ଟିକ୍ ଚାମ୍ପିଅନ୍‌ସିପ        ଆଇ ଆଣ୍ଡ୍ ପି.ଆର୍

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଆଏଜ୍‌ଠାନୁ ଜୁନିଅର୍ ଆଉ ସିନିଅର୍ ଆର୍ଟିଷ୍ଟିକ୍ ଜିମ୍‌ନାଷ୍ଟିକ୍ ଚାମ୍ପିଅନ୍‌ସିପ୍ ମୁଲ୍ ହେଉଛେ । ଓଡ଼ିଶା ଜିମ୍‌ନାଷ୍ଟିକ୍ ଏସୋସିଏସନ୍, ଭାରତୀୟ ଜିମ୍‌ନାଷ୍ଟିକ୍ ଫେଡ଼େରେସନ୍ ଆଉ ରାଜ୍ୟ କ୍ରୀଡ଼ା ଆଉ ଯୁବସେବା ବିଭାଗ୍‌ର ମିଲିତ୍ ସହଯୋଗ୍‌ଥି ହେବାର୍‌କେ ଥିବା ଇ ପ୍ରତିଯୋଗିତା ଆଏବା ୩ ତାରିଖ୍‌ତକ୍ ଚାଲ୍‌ବା । ପ୍ରତିଯୋଗିତାଥି ୨୫ ଟା ରାଜ୍ୟ, ୩ ଟା କେନ୍ଦ୍ରଶାସିତ୍ ଅଂଚଲ୍ ଆଉ ସର୍ଭିସ୍ ବୋର୍ଡ଼ର ୬ ଶହ ନୁ ଅଏତ୍‌କା ପ୍ରତିଯୋଗୀ ଭାଗ୍ ନେଉଛନ୍ । ଇ ଜାତୀୟ ପ୍ରତିଯୋଗିତା ଆଧାର୍‌ଥି ଆଏବା ଏସିଆନ୍ ଗେମ୍ସ, କମନ୍‌ୱେଲ୍‌ଥ ଗେମ୍ସ ଆଉ ଏସିଆନ୍ ଚମ୍ପିଅନ୍‌ସିପ୍ ଲାଗି ଖେଲାଲି ବଛାଯିବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଭିନ୍ ଭିନ୍ ଜାଗା ନ ଖରାର୍ ପ୍ରକୋପ୍ ବଢ଼୍‌ବାର୍‌କେ ଲାଗିଛେ । ଭୁବ୍‌ନେଶ୍ୱର୍ ଆଂଚଳିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍

ସୂଚ୍ନା ଅନ୍ସାରେ ଆଏବା ୨୪ ଘଂଟା ଭିତ୍ରେ ଜବର୍ ଗରମ୍ ଆଉ ଗୁଲଗୁଲିକେ ନେଇକରି ୧୫ ଟା ଜିଲ୍ଲା ଲାଗି ସତର୍କ ସୂଚ୍ନା ଜାରି କରାଯାଇଛେ । ଝାର୍ସୁଗୁଡ଼ା ଜିଲ୍ଲା ନ ଆଏଜ୍ ଦିନର୍ ସବୁନୁ ଜହ ତାପମାତ୍ରା ୪୪ ଦଶ୍ମିକ୍ ୮ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ଼୍ କରାଯାଇଛେ ।